# ଆମେ କ'ଣ ସତରେ ଏତେ ଅସଭ୍ୟ?

୦୪/୦୧/୨୦୦୫

ନିଆଁରେ ସୁନାକୁ ପରୀକ୍ଷା କଲା ଭଳି ପ୍ରତିକୂଳ ପରିସ୍ଥିତିରେ ମଣିଷର ପ୍ରକୃତ ଚରିତ୍ର ଜଣାପଡ଼େ। ୧୯୯୯ ମସିହା ମହାବାତ୍ୟା ସମୟରେ ବହୁ ଦୁଃସାହସିକ ପଦକ୍ଷେପର ସୂଚନା ଆମ ପାଇଁ ଗର୍ବ ଓ ଗୌରବର କାରଣ ହୋଇଥିଲେ ମଧ୍ୟ ରିଲିଫ ସାମଗ୍ରୀ ଆବଣ୍ଟନରେ ଅନିୟମିତତା ଓ ରାଜରାସ୍ତାରେ ଏଗୁଡ଼ିକୁ ଲୁଟି ନେବାର ଖବର ଏବଂ ଦୃଶ୍ୟ ଓଡ଼ିଆ ଲୋକ ଚରିତ୍ରକୁ ଯଥେଷ୍ଟ ନ୍ୟୁନ କରିଦେଇଥିଲା। ଆଜି ସାମୁଦ୍ରିକ ଭୂକମ୍ପ 'ସୁନାମି' ପ୍ରକୋପରେ ଭାରତ ସମେତ ଦକ୍ଷିଣ-ପୂର୍ବ ଏସିଆର ଦେଶ ସମୂହ ଅଭୂତପୂର୍ବ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି। ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଜୀବନ ନଷ୍ଟ ହୋଇଥିବା ଏ ଅଞ୍ଚଳର ସାମାଜିକ ତଥା ଅର୍ଥନୈତିକ ଭିତ୍ତିଭୂମି ଦୋହଲି ପଡ଼ିଛି। ସାରା ବିଶ୍ୱର ବିକଶିତ ରାଜ୍ୟମାନଙ୍କଠାରୁ ସହାନୁଭୂତି ଓ ସାହାଯ୍ୟ ର ଧାରା ଛୁଟିଛି। ଆମେରିକାର ରାଷ୍ଟ୍ରପତି ଏବଂ ଜାପାନ୍‌ର ପ୍ରଧାନମନ୍ତ୍ରୀଙ୍କ ମଧ୍ୟରେ ଏକରକମ ପ୍ରତିଯୋଗିତା ଆରମ୍ଭ ହୋଇଗଲାଣି। ଆମେରିକାର ସାହାଯ୍ୟ ରାଶି କମ୍ ହୋଇଥିବାରୁ ଆମେରିକୀୟମାନେ ନିଜକୁ ଛୋଟ ମନେ କରିବା ସହିତ ସମାଲୋଚନା କରିବା ଆରମ୍ଭ କଲେଣି। ଆମ ଭାରତରେ ମଧ୍ୟ ତାମିଲନାଡୁ ଓ ଆଣ୍ଡାମାନ୍-ନିକୋବରର ବିପର୍ଯ୍ୟୟ ପାଇଁ ରାଜ୍ୟ ସରକାରମାନେ ସାହାଯ୍ୟ ଘୋଷଣା କରିଛନ୍ତି। ଆଉ ଯେଉଁ ଦୃଷ୍ଟିରୁ ବିବାଦୀୟ ହୋଇଥାଆନ୍ତୁ ନା କାହିଁକି, ଗୁଜରାଟ୍‌ର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ଏଥିରେ ସମସ୍ତଙ୍କଠାରୁ ଆଗେଇଯାଇ ୧୦ କୋଟି ଟଙ୍କାର ସାହାଯ୍ୟ ଘୋଷଣା କରିଛନ୍ତି। ପ୍ରତିଦିନ କେଉଁ ଦେଶ, କେଉଁ ରାଜ୍ୟ କାହାକୁ କେତେ ସାହାଯ୍ୟ କଲେ, ତା'ର ହିସାବ ଏବଂ ଚିଠା ଖବରକାଗଜର ପ୍ରଥମ ପୃଷ୍ଠାରେ ପ୍ରକାଶ ପାଉଛି। ଏହି ଖବରଗୁଡ଼ିକୁ ପଢ଼ିଲା ବେଳେ ଓଡ଼ିଶା ପ୍ରଦେଶର ଅନୁଦାନ ରାଶି ଖୋଜି ଖୋଜି ମିଳୁନି। ୧୯୯୯ ମସିହାର ମହାବାତ୍ୟାରେ ୧୦ ହଜାର ଲୋକ ପ୍ରାଣ ହରାଇଥିଲେ। ଏବେ ତାମିଲନାଡୁରେ ମୃତ୍ୟୁ ସଂଖ୍ୟା ୧୩ ହଜାର ଟପିଲାଣି। ଆଣ୍ଡାମାନ୍ ଓ ନିକୋବରରେ ଅନେକ ଓଡ଼ିଆ ଛୁଟି କଟାଇବାକୁ ଯାଇ ହେଉ ବା ଦାଦନ ଖଟିବା ପାଇଁ ହେଉ, ସୁନାମି ପୀଡ଼ିତ ହୋଇଛନ୍ତି। ଆମ ବାତ୍ୟାବେଳେ ଆନ୍ଧ୍ରପ୍ରଦେଶର ସରକାର ଆମକୁ ସାହାଯ୍ୟ ନ କରିଥିଲେ ଆମର କି ଅବସ୍ଥା ହୋଇଥାଆନ୍ତା ତାହା ଅଙ୍ଗେ ନିଭାଇଥିବା ଲୋକ ହିଁ କହିପାରିବ। ଅନ୍ୟର ଦୁଃଖରେ ସହାନୁଭୂତି ପ୍ରକଟ କରି ସମଭାଗୀ ହେବା ପାଇଁ ଉଦ୍ୟମ କରିବା ଆମ ସଂସ୍କାରର ଅନ୍ୟ ଏକ ଗୁଣ। ବିବାହ, ବ୍ରତଘର ଓ ଶୁଦ୍ଧ ଘରରେ ବେଭାର ଦେବାର ଆମର ପରମ୍ପରା ଅଛି। କୃଷିଭିତ୍ତିକ ଆମ ସମାଜର ଏହି ପରମ୍ପରା ପଛରେ ଥିବା ଏକ ବଳିଷ୍ଠ ଯୁକ୍ତି ହେଲା ଯେ ଏହି ଅନୁଷ୍ଠାନଗୁଡ଼ିକ ଯୋଗୁଁ ଯେଉଁ ଅପ୍ରତ୍ୟାଶିତ ଖର୍ଚ୍ଚଭାର ଗୋଟିଏ ପରିବାରକୁ ବହନ କରିବାକୁ ପଡ଼େ ବେଭାର ତାକୁ ତୁଲେଇବାରେ ସାହାଯ୍ୟ କରେ। 'ଦେଇଥିଲେ ପାଇ' ନ୍ୟାୟରେ ଅନ୍ୟର ଅସୁବିଧା ବେଳେ ଯଦି ଆମେ ସହାୟ ହୋଇଥିବୁ ଆମ ଅସୁବିଧା ବେଳେ ସେମାନେ ମଧ୍ୟ ସହାୟ ହେବେ। ଆମେ ମହାବାତ୍ୟା ସମୟରେ ଯେଉଁମାନଙ୍କଠାରୁ ସାହାଯ୍ୟ ସହାନୁଭୂତି ପାଇଥିଲୁ, ସେମାନଙ୍କ ପ୍ରତି କୃତଜ୍ଞତା ଜଣାଇବା ନିମନ୍ତେ ଏହା ଏକ ଅପୂର୍ବ ସୁଯୋଗ ଥିଲା। ଆମେ କିନ୍ତୁ ତାହା ଭୁଲିଗଲୁ। ଆମ ରାଜନେତାମାନେ ପ୍ରାକୃତିକ ବିପର୍ଯ୍ୟୟକୁ ଏ ଦୃଷ୍ଟିରୁ ଆଦୌ ବିଚାର କରିନାହାନ୍ତି। ସମ୍ଭବତଃ ମହାବାତ୍ୟା ତାଙ୍କ ପାଇଁ ଏକ ବିପର୍ଯ୍ୟୟ ନ ଥିଲା। ତାଙ୍କ ରାଜନୀତି ପାଇଁ ଏହା ଏକ ଅପୂର୍ବ ସୁଯୋଗ ଥିଲା। ଏହାକୁ ଜାତୀୟ ବିପର୍ଯ୍ୟୟ ଘୋଷଣା କରିବା ପାଇଁ ତତ୍କାଳୀନ ଏନ୍‌ଡିଏ ସରକାରର ବଡ଼ପଣ୍ଡାମାନେ ବିବାଦ ଉଠାଇଲେ। ପ୍ରଧାନମନ୍ତ୍ରୀଙ୍କ ଉଡ଼ାଜାହାଜ ଓଡ଼ିଶାରେ ଓହ୍ଲାଇପାରିଲା ନାହିଁ କି ପରେ ମଧ୍ୟ ତାଙ୍କୁ ସମୟ ହେଲାନାହିଁ। ଆଜି କିନ୍ତୁ ନିର୍ବାଚନ ଅଛି ବୋଲି ବିଜେପି ନେତା ଶ୍ରୀଯୁକ୍ତ ଲାଲ୍‌କୃଷ୍ଣ ଆଡଭାନୀ ଜାତୀୟ ବିପତ୍ତି କଥା ବଡ଼ପାଟି କରି କହୁଛନ୍ତି। ଆମ ନେତାମାନେ ଏ ବିପର୍ଯ୍ୟୟକୁ ଏକ ସୁଯୋଗ ହିସାବରେ ବ୍ୟବହାର କରି ଆସିଛନ୍ତି। ଇନ୍ଦିରା ଆବାସ, ପଲିଥିନ୍ କିଣା ଓ ଦୁଇ ଟଙ୍କିଆ ଚାଉଳ ବେପାର ସବୁକିଛି ନେତାମାନଙ୍କ ପାଇଁ ଅପୂର୍ବ ସୁଯୋଗ ଆଣିଦେଇଛି। ତେଣୁ ନୂଆବର୍ଷର ଉତ୍ସବ ପାଳନ କରିବା ପାଇଁ ସଙ୍କୋଚ ବା କରିବେ କାହିଁକି? କୃତଜ୍ଞତା ପ୍ରକାଶ ସଭ୍ୟ ମଣିଷର ଏକ ଆଭୂଷଣ। ଆମେ କ'ଣ ସତରେ ଏତେ ଅସଭ୍ୟ?

## ଆମ ଘରର ହାଲ୍‌ଚାଲ୍

ସୌମ୍ୟରଂଜନ ପଟ୍ଟନାୟକ